# ବଢୁଛି କଟାପାଲିର ଦୁଃଖ

ବରଗଡ଼ ଜିଲାରେ କରୋନା ସଂକ୍ରମଣ ଥମିବା ନାଁ ନେଉନି। ଏଥିରେ ଲୋକେ କେବଳ ସଂକ୍ରମିତ ହେଉଛନ୍ତି ତାହା ନୁହେଁ, କରୋନା ଲୋକଙ୍କ ଜୀବନଜୀବିକାକୁ ମଧ୍ୟ ଛଡ଼ାଇ ନେଇଛି। ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ଏଭଳି ପରିସ୍ଥିତି ଉପୁଜିଛି। ଗତ ମାସ ୧୬ତାରିଖରୁ ପ୍ରଥମ କରୋନା ଚିହ୍ନଟ ହେବା ପରେ କଟାପାଲିବାସୀ ଦୁର୍ବିସହ ଜୀବନ ବିତାଉଛନ୍ତି। ଖରିଫ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଗ୍ରାମବାସୀଙ୍କ ରୋଜଗାର ଠପ୍ ପଡ଼ିଯାଇଛି। ଗ୍ରାମର ଗରିବ ଲୋକଙ୍କୁ ମୁଠାଏ ଅନ୍ନ ଯୋଗାଡ଼ କରିବା କଷ୍ଟସାଧ୍ୟ ହୋଇପଡ଼ିଛି। ସେଠାକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଅପହଞ୍ଚ ହୋଇ ପଡ଼ିଥିବା ଗ୍ରାମବାସୀ କହିଛନ୍ତି।


କଣ୍ଟେନମେଣ୍ଟ ଜୋନ୍ କଟାପାଲି ।

## ସରକାର ସହଯୋଗ କରନ୍ତୁ



"କରୋନା ସଂକ୍ରମଣ ହେଉଛି କହି ପ୍ରଶାସନ ଆମ ଗ୍ରାମକୁ ସଟ୍ ଡାଉନ୍ କରି ଦେଇଛନ୍ତି। ସଂକ୍ରମଣ ହୋଇଛି କି ନାହିଁ, ଆମେ ତାହା ଜାଣିପାରୁ ନାହୁଁ। ଘରୁ ପଦାକୁ ଆଦୌ ବାହାରି ପାରୁନାହୁଁ। କାମଧନ୍ଦା ସବୁ ବନ୍ଦ ହୋଇ ଯାଇଛି। ମଜୁରୀ କରିବାକୁ ମଧ୍ୟ ଯାଇ ପାରୁ ନାହୁଁ। ଆମେ ଗରିବ ଲୋକ। ଏବେ କେମିତି ଚଳିବୁ। ସରକାର ଏହାର ବ୍ୟବସ୍ଥା କରନ୍ତୁ।

–ବାଲି ଭୁଏ

## ଠପ୍ ପଡ଼ିଛି ରୋଜଗାର



"କଂସା ବାସନ ତିଆରି ଆମର ଜୀବିକା। ଲକ୍ ଡାଉନ୍ ଯୋଗୁ ୩ମାସରୁ ଅଧିକ ସମୟ ହେଲା ଆମର ଜୀବିକା ଉଜୁଡ଼ି ଯାଇଛି। ଅନ୍ୟପଟେ ଗତ ୨୦ଦିନ ହେଲା ଆମ ଗ୍ରାମରେ କଣ୍ଟେନମେଣ୍ଟ ଜୋନ୍ କଟକଣା ଲାଗୁ ହୋଇଛି। ଫଳରେ ଘରୁ ବାହାରକୁ ବାହାରି ପାରୁନାହୁଁ। ରୋଜଗାର ସମ୍ପୂର୍ଣ୍ଣ ଠପ୍ ପଡ଼ି ଯାଇଛି। ବହୁତ ଅସୁବିଧାରେ ଦିନ ବିତୁଛି।

–ଦାମୋଦର ସାହୁ

## ଜୀବନରେ ପ୍ରଥମ ଅନୁଭୂତି



"ଗ୍ରାମକୁ ସଂଯୋଗ କରୁଥିବା ସବୁ ରାସ୍ତାକୁ ସିଲ୍ କରି ଦିଆଯାଇଛି। ଫାର୍ମ ଅଛି, ହେଲେ ସେଠାରେ ଚାଷକାର୍ଯ୍ୟ ହୋଇପାରୁ ନାହିଁ। ଧାନ ବୁଣାବୁଣି ଅଟକି ଯାଇଛି। ଟ୍ରାକ୍ଟର ଅଚଳ ହୋଇଛି। ମରାମତି ପାଇଁ କାରିଗର ଆସିବାକୁ ମନା କରି ଦେଉଛନ୍ତି। ୩୨ବର୍ଷ ଭିତରେ ଜୀବନରେ କେବେ ଏଭଳି ଅନୁଭବ କରି ନ ଥିଲି।

–ବିରଞ୍ଚି ନାରାୟଣ ଦାଶ

## ବାଧାପ୍ରାପ୍ତ ହୋଇଛି ଖରିଫ ଚାଷ



"ଗ୍ରାମରେ ସବୁ ସମସ୍ୟା ବଢ଼ି ଯାଇଛି। ଖରିଫ୍ ଚାଷକାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଧାନ ବୁଣାବୁଣି, ରୁଆକାର୍ଯ୍ୟ ବିଳମ୍ବିତ ହୋଇଛି। ଚାଷକାର୍ଯ୍ୟ ପାଇଁ କୃଷି ଶ୍ରମିକ ମିଳୁନାହାନ୍ତି। ବହୁତ ବୁଝାଶୁଝା ପରେ କିଛି କୃଷି ଶ୍ରମିକ ଆସି ଧାନ ରୁଆ କାର୍ଯ୍ୟ ଆରମ୍ଭ କରିଛନ୍ତି।

–ସୁଦାମ ସାହୁ

– ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼

## ସଂକ୍ଷେପରେ

### ଡ. ବିଜୟ୍ ବାହାଦୁର ସିଂ ବଛନଙ୍କ ପରଲୋକ



ସମ୍ବଲପୁର, ୬।୭ (ବ୍ୟୁରୋ): ରାଜ୍ୟର ଜଣାଶୁଣା ପୁରୁଖା ଫୁଟବଲ ଖେଳାଳି ତଥା ଶିକ୍ଷାବିତ ଡ. ବିଜୟ୍ ବାହାଦୁର ସିଂ ବଛନଙ୍କ ପରଲୋକ ହୋଇଯାଇଛି । ବରଗଡସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଛନ୍ତି। ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ସମ୍ବଲପୁର ରାଜଘାଟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସାନ ଭାଇ ଅଜିତ ମୁଖାଗ୍ନି ଦେଇଥିଲେ।

### ପ୍ରଧାନପାଲି ହତ୍ୟାକାଣ୍ଡ, ୪ ଗିରଫ

ବରଗଡ଼ ଅଫିସ୍,୬।୭: ବରଗଡ଼ ସହର ଉପକଣ୍ଠ ପ୍ରଧାନପାଲି ଛକରେ ସଂଘଟିତ ହତ୍ୟାକାଣ୍ଡର ୪ଅଭିଯୁକ୍ତଙ୍କୁ ସ୍ଥାନୀୟ ଟାଉନ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ର ପ୍ରଭାତ କୌଶଲ, ଯଇବନ୍ତ ବାଗ, କେଦାର ଭୋସାଗର ଏବଂ ପିକୁନ କୌଶଲ। ସେମାନଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ବରଗଡ଼ ସବଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ ସୂଚନା ଦେଇ କହିଛନ୍ତି ।

### ସୁନ୍ଦରଗଡ଼: ୩୪୩ ଛୁଇଁଲା କରୋନା ପଜିଟିଭ

ସୁନ୍ଦରଗଡ଼, ୬।୭ (ଡି.ଏନ୍.ଏ.): ସୁନ୍ଦରଗଡ ଜିଲାରୁ ସୋମବାର ପୁଣି ୨୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୪୩ରେ ପହଞ୍ଚିଛି। ତେବେ ଚିହ୍ନଟ ହୋଇଥିବା ୨୦ ଆକ୍ରାନ୍ତଙ୍କ ଭିତରୁ କେବଳ ୧୭ଜଣ ଲେଫ୍ରିପଡା ବ୍ଲକ ଦର୍ଲିପାଲି ପଞ୍ଚାୟତର ୪ଟି କ୍ୱାରାଣ୍ଟାଇନ ସେଣ୍ଟରୁ ବାହାରିଛନ୍ତି। ସେମାନଙ୍କୁ ରାଉରକେଲା କୋଭିଡ୍ ହସ୍ପିଟାଲକୁ ପଠାଇଦିଆଯାଇଛି।

### ୯୮ରେ ପହଞ୍ଚିଲା ସମ୍ବଲପୁର ଜିଲାର ଆକ୍ରାନ୍ତଙ୍କ ସଂଖ୍ୟା

ସମ୍ବଲପୁର, ୬।୭ (ବ୍ୟୁରୋ): ସମ୍ବଲପୁର ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ସୋମବାର ମୋଟ ୧୫ ଜଣ ଚିହ୍ନଟ ହୋଇଥିବା କୁଚିଣ୍ଡା ପ୍ରଶାସନ ସୂଚନା ଦେଇଛି। ଏହାକୁ ମିଶାଇ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୯୮ରେ ପହଞ୍ଚିଛି । ବିଶେଷ କରି ବୁର୍ଲା ସହରରେ ଭୟର ବାତାବରଣ ଖେଳି ଯାଇଛି। ବୁର୍ଲାରେ ୧୪୪ ଧାରା ଜାରି କରାଯିବା ତୃତୀୟ ଦିନରେ ପହଞ୍ଚିଛି।

# ଅଫିସ୍ ନ ଯାଇ ଘରୁ ଅଭିଯୋଗ ଜଣାଅ

ବଲାଙ୍ଗୀର ଅଫିସ, ୬।୭

**ଧରିତ୍ରୀ ପ୍ରଭାବ**

**ଜିଲା ପ୍ରଶାସନ ପକ୍ଷରୁ ଜାରି ହେଲା ଅଭିଯୋଗ ଶୁଣାଣି ନମ୍ବର**

କରୋନା ସଂକ୍ରମଣ ସମୟରେ ଅଯଥା ଘରୁ ନ ବାହାରିବା ପାଇଁ ଜନସାଧାରଣଙ୍କୁ ସରକାର ଓ ପ୍ରଶାସନ ଅପିଲ କରିଛନ୍ତି। ଏହା ସତ୍ତ୍ୱେ କେତେକ ଲୋକ ବିଭିନ୍ନ ପ୍ରକାର ଅଭିଯୋଗ, ଦାବିପତ୍ର ଦେବା ନାଁରେ ବିଭିନ୍ନ ଅଫିସକୁ ଯାଇ ଭିଡ କରିବା ସହ କୋଭିଡ-୧୯ ରେଗୁଲେଶନ୍, ଏପିଡେମିକ୍ ଆକ୍ଟ ଉଲ୍ଲଂଘନ କରୁଛନ୍ତି। ଏହା ପ୍ରକାରାନ୍ତରେ ଜିଲା ପାଇଁ ଚିନ୍ତାର କାରଣ ପାଲଟିଥିଲା । ଏନେଇ ୫ତାରିଖ ଧରିତ୍ରୀରେ ଆନ୍ଦୋଳନକାରୀ ବଢାଇଲେଣି ଚିନ୍ତା ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରି ସାମ୍ପ୍ରତିକ କୋଭିଡ-୧୯ ପରିସ୍ଥିତିରେ ବିଭିନ୍ନ ବ୍ୟକ୍ତିଗତ ତଥା ସାମୂହିକ ଅଭଯୋଗ ନେଇ ଆସୁଥିବା ବ୍ୟକ୍ତିମାନେ ଏଣିକି ବିଭିନ୍ନ କାର୍ଯ୍ୟାଳୟକୁ ନ ଆସି ପ୍ରଶାସନ ଜାରି କରିଥିବା ଟେଲିଫୋନ୍ ନମ୍ବର, ହ୍ୱାଟସ୍ଅଫ୍ ନମ୍ବର ଓ ମୋବାଇଲ ନମ୍ବରରେ ଯୋଗଯୋଗ କରିବା, ଦାବିପତ୍ର ଦେବା, ଜିଲାପାଳଙ୍କୁ ଇମେଲ ଜରିଆରେ ଲିଖିତ ଅଭିଯୋଗ କରିବାକୁ ଅନୁରୋଧ କରାଯାଇଛି । ଯେକୌଣସି କାର୍ଯ୍ୟଦିବସ ଗୁଡିକରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ୫ଟା ୩୦ ପର୍ଯ୍ୟନ୍ତ ଟେଲିଫୋନ୍ ନମ୍ବର ୦୬୬୫୨–୨୩୨୭୭୩ ଓ ୦୬୬୫୨–୨୩୦୯୬୯ ଜରିଆରେ ଅଭିଯୋଗ କରିପାରିବେ ବୋଲି କୁହାଯାଇଛି । ଏହା ସହିତ ଲିଖିତ ଅଭିଯୋଗ ସକାଶେ ହ୍ୱାଟସ୍ ଆପ୍ ନମ୍ବର ୮୨୬୦୯୬୨୭୨୨ ଜରିଆରେ ଅଭିଯୋଗ ଦେଇ ପାରିବେ। ଏହି ହ୍ୱାଟସ୍ଆପ୍ ନମ୍ବରରେ କୌଣସି କଲ୍ ଗ୍ରହଣ କରାଯିବ ନାହିଁ । ସେହିପରି ଲିଖିତ ଅଭିଯୋଗ ସକାଶେ ଇମେଲ ଡିମ୍-ବଲାଙ୍ଗୀର ଆଟ୍ଏନ୍ଆଇସି.ଇନ୍ ଜରିଆରେ ଅଭିଯୋଗ ଦେଇପାରିବେ ବୋଲି ସୂଚନା ଦିଆଯାଇଛି । ଅଭିଯୋଗଗୁଡିକର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଯଥାଶୀଘ୍ର ଜଣାଇ ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ବଳାତ୍କାର ପୀଡ଼ିତା ଶିଶୁଙ୍କୁ ଉଦ୍ଧାରକଲା ପ୍ରଶାସନ

**କାର୍ଯ୍ୟାନୁଷ୍ଠାନ ଦାବି କଲା ଯାଦବ ସଙ୍ଗଠନ**

ନୂଆପଡ଼ା ଅଫିସ,୬।୭

ଜଣେ ୪ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗର ଆଜିକୁ ସାତ ମାସ ପରେ ବି ଉକ୍ତ ଶିଶୁ ଚିକିତ୍ସିତ ହୋଇ ନ ପାରିବା ଘଟଣା ଉପରେ ଦୃଷ୍ଟି ଦେଇଛି ପ୍ରଶାସନ। ଘଟଣାର ସପ୍ତାହକ ପରେ ଜିଲା ଶିଶୁ ସୁରକ୍ଷା ବିଭାଗ ଉକ୍ତ ଶିଶୁକୁ ଉଦ୍ଧାର କରିଛି। ଅନ୍ୟପକ୍ଷେ ଉକ୍ତ ଶିଶୁକୁ ଚିକିତ୍ସା ସେବା ଯୋଗାଇ ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଯାଦବ ସମାଜ।

ସୂଚନାଯୋଗ୍ୟ, ୪ବର୍ଷର ଶିଶୁକନ୍ୟାକୁ ବଳାତ୍କାର ନେଇ ଗତ ସୋମବାର ଧରିତ୍ରୀରେ ଖବର ପ୍ରକାଶନ ପରେ ଜିଲା ଶିଶୁ କଲ୍ୟାଣ ସମିତି ଶିଶୁ ସୁରକ୍ଷା ବିଭାଗ ଏବଂ ଖରିଆରରୋଡ୍ ଜୋଙ୍କ ଥାନାକୁ ରିପୋର୍ଟ ତଲବ କରିଥିଲା। ଏହା ଉପରେ ବିଳମ୍ବରେ ହେଲେ ମଧ୍ୟ ଉଭୟ ପୋଲିସ ଏବଂ ଶିଶୁ ସୁରକ୍ଷା ବିଭାଗର ଅଧିକାରୀମାନେ ଶିଶୁଙ୍କ ଘରକୁ ଯାଇଥିଲେ। ସେମାନେ ସେଠାରୁ ଶିଶୁକୁ ମା'ବାପାଙ୍କ ସହ ଉଦ୍ଧାର କରି ନୂଆପଡା ଆଣିଥିଲେ ଏବଂ ଶିଶୁକୁ ନୂଆପଡା ୱାନଷ୍ଟପ୍ ସେଣ୍ଟର(ସଖୀ)ରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ। ଡାକ୍ତରୀ ପରୀକ୍ଷା ପରେ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜାଣି ଶିଶୁକୁ ଘରକୁ ଛାଡି ଦିଆଯାଇଥିବା ସଖୀ ମୁଖ୍ୟ ତପସ୍ୱିନୀ ପଣ୍ଡା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଏହି ଖବର ପାଇ ଜିଲା ଯାଦବ ସମାଜ ଉପସଭାପତି ଭରତଲାଲ ରାଉତ, ପୂର୍ବତନ ଖଡିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତୀ, ଘନଶ୍ୟାମ କରୁଆଁ, ରିଙ୍କୁ ବଗର୍ତ୍ତୀ ପ୍ରମୁଖ ସଖୀ ଗୃହକୁ ଯାଇ ଶିଶୁଙ୍କ ମା'ବାପାଙ୍କୁ ଭେଟିଥିଲେ ଏବଂ ଶିଶୁର ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ପାଇଁ ସିଡିଏମଓ କାଳୀଚରଣ ବେହେରାଙ୍କୁ ଅନୁରୋଧ କରିଥିଲେ। ଏହାପରେ ସେମାନେ କ୍ଷତିପୂରଣ, ଚିକିତ୍ସା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କୁ ଭେଟି ଦାବି କରିଥିଲେ। ଜିଲାପାଳ ମଧୁସ୍ମିତା ସାହୁ ନିଜେ ଏହା ଉପରେ ଦୃଷ୍ଟି ରଖିଛନ୍ତି। ଖୁବଶୀଘ୍ର ତାଙ୍କୁ ଅନୁକମ୍ପାମୂଳକ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ, ଏହି ଘଟଣା ଟ୍ୱିଟରରୁ ଜାଣିବା ପରେ ଓଡିଶା ପୋଲିସ୍ ଆଇଜି (ଅପରେସନ) ଅମିତାଭ ଠାକୁର ସହାନୁଭୂତି ପ୍ରକାଶ କରିବା ସହ ଜିଲାପାଳ ଏବଂ ଏସ୍ପିଙ୍କ ସହ ଆଲୋଚନା କରିଛନ୍ତି।

# ସ୍ୱାବ୍ ସଂଗ୍ରହକୁ ବିରୋଧ, ୩ଜଣଙ୍କ ନାଁରେ ମାମଲା

ବରଗଡ଼ ଅଫିସ୍,୬।୭

ବରଗଡ଼ ଜିଲା ଅମ୍ବାଭୋନା ଥାନା ଭୁକ୍ତା ଗ୍ରାମରେ କରୋନା ପରୀକ୍ଷା ପାଇଁ ସ୍ୱାବ୍ ସଂଗ୍ରହକୁ ବିରୋଧ କରିବାରୁ ୩ଜଣଙ୍କ ନାମରେ ମାମଲା (ନଂ.୧୩୮/୨୦) ରୁଜୁ ହୋଇଛି। ଏ ନେଇ ସୋମବାର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇ ଜଣାଇଛନ୍ତି, ଗତ ୩ ତାରିଖରେ ଏକ ଟିମ୍ ସ୍ୱାବ୍ ନମୁନା ସଂଗ୍ରହ କରିବା ପାଇଁ ଭୁକ୍ତା ଗ୍ରାମର ଗୋପାଳ ପାତିକାର(୫୦)ଙ୍କ ଘରକୁ ଯାଇଥିଲେ। ମାତ୍ର ଗୋପାଳ ଏବଂ ଅନ୍ୟ ଦୁଇଜଣ ସମ୍ପର୍କୀୟ ମାଧ ପାତିକାର ଓ ସୌଦାଗର ପାତିକାରସ୍ୱାବ୍ ସଂଗ୍ରହକୁ ବିରୋଧ କରିବା ସହିତ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ଅମ୍ବାଭୋନା ଥାନାରେ ଅଭିଯୋଗ ହୋଇଥିଲା।

# ସୁସ୍ଥ ହୋଇ ଫେରିଲେ କରୋନା ଯୋଦ୍ଧା


ସୁସ୍ଥ କରୋନା ଯୋଦ୍ଧାଙ୍କୁ ବିକାଶ ଗ୍ରୁପ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

ବରଗଡ଼ ଅଫିସ୍,୬।୭

ବରଗଡ଼ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ କରୋନା ଯୋଦ୍ଧା ସୋମବାର ଆରୋଗ୍ୟ ଲାଭ କରି ଫେରିଛନ୍ତି। ସେ ହସ୍ପିଟାଲ ଛାଡ଼ିବା ପରେ ବିକାଶ ଗ୍ରୁପ୍ ତଥା କୋଭିଡ୍ ହସପିଟାଲର କର୍ମଚାରୀମାନେ ତାଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଦେବା ସହିତ ଉତ୍ସାହିତ କରିଥିଲେ। ଏହା ପୂର୍ବରୁ ଏଠାରେ ଚିକିତ୍ସାଧୀନ ୩ କରୋନା ଯୋଦ୍ଧା ହସ୍ପିଟାଲ ଛାଡ଼ିବା ପରେ ବିକାଶ ଗ୍ରୁପ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ବରଗଡ଼ରେ ୩୩ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ

ବରଗଡ଼ ଅଫିସ୍,୬।୭

ବରଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ସୋମବାର ଜିଲାରେ ୩୩ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ବରଗଡ଼ ବ୍ଲକ କଟାପାଲି ଗ୍ରାମର ଏବଂ ସେମାନଙ୍କ ମଧ୍ୟରେ ୧୬ଜଣ ପୁରୁଷ ଓ ୧୭ଜଣ ମହିଳା ରହିଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି । ସମସ୍ତଙ୍କୁ ବରଗଡ଼ କୋଭିଡ୍ ହସପିଟାଲରେ ଭର୍ତ୍ତି କରାଯାଇଛି । ନୂଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୬୬ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ସର୍ବାଧିକ ୧୦୫ଜଣ କଟାପାଲି ଗ୍ରାମର ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କଟାପାଲି ଗ୍ରାମର ଜନସଂଖ୍ୟା ୫୨୦୫ ହୋଇଥିବାବେଳେ ଗତ ଜୁନ୍ ୩୦ତାରିଖ ସୁଦ୍ଧା ୧୩୯୩ଜଣଙ୍କ ସ୍ୱାବ୍ ସଂଗ୍ରହ ହୋଇଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାଶ ସୂଚନା ଦେଇଛନ୍ତି । ସେହିପରି ପ୍ରତ୍ୟେକ ଗ୍ରାମବାସୀ ସଚେତନ ରହିବା ସହିତ ସ୍ୱାବ୍ ପରୀକ୍ଷଣ ନିମନ୍ତେ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସହଯୋଗ କରିବା ପାଇଁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଜଣାଇଛନ୍ତି। ଏହା ସହିତ ଯେଉଁମାନଙ୍କ ଅତ୍ୟାବଶ୍ୟକୀୟ ସାମଗ୍ରୀର ଆବଶ୍ୟକତା ଅଛି, ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଲେ ତାହା ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରଧାନ କହିଛନ୍ତି ।

# ପ୍ରଶାସନକୁ ପାଣି ମାଗିଲେ ଗ୍ରାମବାସୀ

ସମ୍ବଲପୁର, ୬।୭ (ବ୍ୟୁରୋ)


ପାଣି ପାଇଁ ପ୍ରଶାସନକୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

ସମ୍ବଲପୁର ଜିଲା କନଖିଣ୍ଡା ପଞ୍ଚାୟତ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏହି ପଞ୍ଚାୟତ ଅଧୀନ ମାଝିପାଲି ରାଜସ୍ୱ ଗ୍ରାମର ସାଗରପଡା, ରାଧାମାଧବ ନଗର ଓ ଚମାରପଡାବାସୀ ଦୀର୍ଘ ବର୍ଷ ହେବ ପିଇବା ପାଣି ମୁନ୍ଦେ ପାଇ ପାରୁନାହାନ୍ତି। ଏ ନେଇ ସୋମବାର ପଡାବାସୀ ସମ୍ବଲପୁର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବି ଜଣାଇଛନ୍ତି। ଧନକଉଡା ବ୍ଲକ୍ କିଲାସମା ପଞ୍ଚାୟତର ପଧାନପାଲିଠାରେ କାର୍ଯ୍ୟକାରୀ ହୋଇଥିବା ବୃହତ୍ତ ପାନୀୟ ଜଳ ପ୍ରକଳ୍ପରେ ସାମିଲ କରାଗଲେ ସେମାନେ ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ୱାର୍ଡମେମ୍ବର ମୋହନ ବାଗ, ଡ. ବିନୋଦ ବିହାରୀ ନାୟକ, ମଙ୍ଗଳେଶ୍ୱର ବାଗ, ଅଜିତ ସିଂ, ବବିତା ସୁନା, ଅମୂଲ୍ୟ ବାଗ, ପ୍ରଭାସିନୀ ସୁରେନ ପ୍ରମୁଖ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ମାଝିପୋଲି ଗାଁ ଲୋକେ ସୋମବାର ସମ୍ବଲପୁର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଦାବି ଜଣାଇବା ନେଇ ଆସିଛନ୍ତି।

# ବେଦବ୍ୟାସ ମେଳା ଦାଣ୍ଡ ଖାଁ ଖାଁ


ବେଦବ୍ୟାସ ମେଳାଦାଣ୍ଡ ଜନଶୂନ୍ୟ।

**ଚଳିତ ବର୍ଷ ଶ୍ରାବଣୀ ମେଳା ବନ୍ଦ**

ବେଦବ୍ୟାସ, ୬।୭ (ଡି.ଏନ.ଏ)

ପଶ୍ଚିମ ଓଡିଶାର ପ୍ରସିଦ୍ଧ ଶୈବ ତଥା ବ୍ୟାସପୀଠ ବେଦବ୍ୟାସ ତ୍ରିବେଣୀ ସଙ୍ଗମରେ ବହୁ ବର୍ଷ ଧରି ଚାଲି ଆସୁଥିବା ଶ୍ରାବଣୀ ମେଳା (ବୋଲବମ୍) ଚଳିତ ବର୍ଷ କରୋନା ମହାମାରିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଛନ୍ତି। ରବିବାର ଅପରାହ୍ନରେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବୈଠକର ନିଷ୍ପତ୍ତି ତଥା ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ମନ୍ଦିର ଚାରିପାଖ ବ୍ୟାରିକେଡ୍ ଲଗାଯିବା ସହ ମନ୍ଦିର ପରିସରକୁ ଭକ୍ତଙ୍କୁ ଯିବା ପାଇଁ ବାରଣ କରାଯାଇଛି। କେବଳ ମନ୍ଦିର ପୂଜକମାନେ ବାବା ବାଲୁଙ୍କେଶ୍ୱର ଓ ଚନ୍ଦ୍ର ଶେଖରଙ୍କ ନୀତି ନିର୍ଘଣ୍ଟ ଅନୁଯାୟୀ ପୂଜାର୍ଚ୍ଚନା କରିବେ। ସୂଚନା ଥାଉକି, ପ୍ରତ୍ୟେକ ବର୍ଷ ଶ୍ରାବଣ ମାସରେ ବେଦବ୍ୟାସ ତ୍ରିବେଣୀ ସଙ୍ଗମରୁ ଲକ୍ଷାଧିକ ଶିବ ଭକ୍ତ ପାଣି ଉଠାଇ କାଂଶବାହାଲ ନିକଟସ୍ଥ ଘୋଘର ଶୈବାଳୟରେ ଜଳାଭିଷେକ କରନ୍ତି। ଚଳିତ ବର୍ଷ ଶ୍ରାବଣୀ ମେଳାକୁ ବନ୍ଦ କରାଯିବା ପରେ ଶ୍ରାବଣ ମାସର ପ୍ରଥମ ସୋମବାର ବେଦବ୍ୟାସ ମେଳା ଦାଣ୍ଡ ଖାଁ ଖାଁ ହୋଇପଡିଛି।

# ଜିଲାପାଳଙ୍କୁ ଦୁଗ୍ଧଚାଷୀଙ୍କ ଫେରାଦ

■ ଦୁଗ୍ଧ ବିକ୍ରୟକୁ ନେଇ ଅଶାନ୍ତି
■ ତରବୋଡ଼ ସୋସାଇଟିରେ ଅଶାନ୍ତି
■ ଡୋଙ୍ଗରୀପାଲିରେ ୨ ସପ୍ତାହ ହେବ ବିକ୍ରି ହେଉନି

ନୂଆପଡା ଅଫିସ,୬।୭

ଗୋପାଳନ ପାଇଁ ସରକାର ଚାଷୀଙ୍କୁ ସବୁପ୍ରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ମାତ୍ର ଅଧିକାରୀମାନଙ୍କ ବେପରୱା ମନୋଭାବ ଯୋଗୁ ଯୋଜନାର ସୁଫଳ ଚାଷୀଙ୍କୁ ମିଳିପାରୁନାହିଁ। ନୂଆପଡା ଜିଲାରେ ଗୋପାଳନକୁ ଉତ୍ସାହିତ କରିବାକୁ ଓମ୍ଫେଡ ମାଧ୍ୟମରେ ଦୁଗ୍ଧ କିଣାଯିବାକୁ ଗୁରୁତ୍ୱ ଦିଆଯାଇଥିଲା। ସୋସାଇଟି ଗଠନ କରି ତାହା ମାଧ୍ୟମରେ ଦୁଗ୍ଧ ସଂଗ୍ରହର ବ୍ୟବସ୍ଥା ହୋଇଥିଲା। ହେଲେ ବିଭାଗୀୟ ଅଧିକାରୀମାନଙ୍କ ଉଦାସୀନତା ଯୋଗୁ ସୋସାଇଟି ଗୁଡିକର ପରିଚାଳନାଗତ ତ୍ରୁଟି ହେଉ କି ସଦସ୍ୟମାନଙ୍କ ମନୋମାଳିନ୍ୟ ଯୋଗୁ ଅଶାନ୍ତି ସୃଷ୍ଟି ହୋଇଛି। ଫଳରେ ଦୁଗ୍ଧ ବିକ୍ରି ବାଧାପ୍ରାପ୍ତ ହୋଇଛି।

ଜିଲାର କୋମନା ବ୍ଲକ ଡୋଙ୍ଗରୀପାଲି ସୋସାଇଟିରେ ୬/୭ ଖଣ୍ଡ ଗାଁରୁ ଦୈନିକ ଶହେ ଲିଟରରୁ ଊର୍ଦ୍ଧ୍ୱ ଦୁଗ୍ଧ ସଂଗ୍ରହ ହେଉଥିଲା। ଏହାଦ୍ୱାରା ଚାଷୀମାନଙ୍କ ଆର୍ଥିକ ମାନଦଣ୍ଡରେ ସୁଧାର ଆସୁଥିଲା। ହେଲେ ହଠାତ୍ ସଭାପତି ଓ ସମ୍ପାଦକଙ୍କ ମଧ୍ୟରେ ମନୋମାଳିନ୍ୟ ହେଲା। ଏହି ଘଟଣା କର୍ତ୍ତୃପକ୍ଷଙ୍କ ନିକଟକୁ ଯିବା ପରେ ସମସ୍ୟା ସମାଧାନ ହେବା ବଦଳରେ ଦୁଗ୍ଧକିଣା ବନ୍ଦ କରିଦିଆଗଲା। ଆଜିକୁ ଦୁଇ ସପ୍ତାହ ହେବ ଚାଷୀ ବାର ଦୁଆର ବୁଲି ଦୁଗ୍ଧ ବିକ୍ରି କରୁଛି। ସେହିପରି ତରବୋଡ ସୋସାଇଟିରେ ମଧ୍ୟ ସଭାପତି ଓ ସମ୍ପାଦକ ଉଦ୍ଦେଶ୍ୟମୂଳକ ଭାବେ ଚାଷୀଙ୍କୁ ହଇରାଣ କରୁଥିବା ନେଇ କିଛି ଚାଷୀ ଅଭିଯୋଗ କରି ସୋମବାର ନୂଆପଡା ଆସି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ (ସିଡିଭିଓ) ତ୍ରିଲୋଚନ ଧଳଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୮୪୩୬୫୫୩ରେ ଯୋଗାଯୋଗ ସମ୍ଭବ ନ ହେବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନ ଥିଲା। ଏହା ଉପରେ ଜିଲାପାଳ ହସ୍ତକ୍ଷେପ କରିବାକୁ ଚାଷୀ ମହଲରେ ଦାବି ହେଉଛି।


ଚାଷୀମାନେ ଦୁଗ୍ଧ ଧରି ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି ।

